


୨୧ ବର୍ଷ ● ୧ମ ସଂଖ୍ୟା ● ଜୁଲାଇ ୨୦୨୦ (ସ୍ୱନକ୍ଷତ୍ର ସ୍ୱତନ୍ତ୍ର)


**ବିଶେଷ ପ୍ରସଙ୍ଗ** : 'କାଦମ୍ବିନୀ' ସ୍ୱନକ୍ଷତ୍ର ଉତ୍ସବ-୨୦ ବର୍ଷ: ଏକ ବିହଙ୍ଗାବଲୋକନ

**ବିଶେଷ ପ୍ରସଙ୍ଗ** : 'କାଦମ୍ବିନୀ'ର ପ୍ରଚ୍ଛଦ, ଆକର୍ଷଣର ଆଧାର

**ସ୍ୱତନ୍ତ୍ର ପ୍ରସଙ୍ଗ** : ଓଡ଼ିଶାରେ କରୋନା ସଂକ୍ରମଣ ପରିଚାଳନା: ଏକ ଆକଳନ

**କାଳଜୟୀ** : ଆଣ୍ଟିରୋମାଣ୍ଟିକ

**ସାହିତ୍ୟ** : ୯ଟି ମନୋଜ୍ଞ ଗଳ୍ପ, ୬ଟି କବିତା

**ନିୟମିତ** : ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ।


## ପ୍ରଚ୍ଛଦରେ: ଅର୍ଚ୍ଚିତା ସାହୁ, ଝିଲିକ୍ ଭଟ୍ଟାଚାର୍ଯ୍ୟ, ଶିବାନୀ ସଙ୍ଗୀତା ଓ ଭୂମିକା ଦାଶ

'କାଦମ୍ବିନୀ'ର ଚଳିତ ସ୍ୱନକ୍ଷତ୍ର ସ୍ୱତନ୍ତ୍ରର ପ୍ରଚ୍ଛଦ ଅନେକ ଦୃଷ୍ଟିରୁ ନିଆରା ଓ ଅନନ୍ୟ। ଓଡ଼ିଆ ଚଳଚ୍ଚିତ୍ର ଜଗତର ଚାରିଜଣ ଅଗ୍ରଣୀ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଝିଲିକ୍ ଭଟ୍ଟାଚାର୍ଯ୍ୟ, ଶିବାନୀ ସଙ୍ଗୀତା ଓ ଭୂମିକା ଦାଶ ଏଥର ପ୍ରଚ୍ଛଦ ପୃଷ୍ଠା ମଣ୍ଡନ କରିଛନ୍ତି। ଚାରିଜଣ ଲୋକପ୍ରିୟ ଅଭିନେତ୍ରୀଙ୍କୁ ଏକତ୍ରକରି ଚିତ୍ର ଉତ୍ତୋଳନପୂର୍ବକ ଗୋଟିଏ ପୃଷ୍ଠାରେ ସ୍ଥାନିତ କରିବା ଓଡ଼ିଆ ପତ୍ରିକା ଜଗତରେ ପ୍ରଥମ ନିଶ୍ଚୟ। ଏବେ ଆସନ୍ତୁ ଜାଣିବା 'କାଦମ୍ବିନୀ ସ୍ୱନକ୍ଷତ୍ର ସ୍ୱତନ୍ତ୍ର'ର ପ୍ରଚ୍ଛଦ ମଣ୍ଡନ କରିଥିବା ଚାରିଜଣ ଅଭିନେତ୍ରୀଙ୍କ ସମ୍ପର୍କରେ।

## ଶୁଭେଚ୍ଛା ବାର୍ତ୍ତା: 'କାଦମ୍ବିନୀ' ପାଇଁ ଆଶୀର୍ବାଦ

'କାଦମ୍ବିନୀ' ସମ୍ପର୍କରେ ବହୁ ସଂଖ୍ୟକ ମୂଲ୍ୟବାନ ମତାମତ ଆମେ ବର୍ଷସାରା ପାଇଥାଉ; ଯାହା 'ଇତି ଆପଣଙ୍କର...' ବିଭାଗରେ ପ୍ରକାଶ ପାଇଥାଏ। ତେବେ 'କାଦମ୍ବିନୀ' ୨୦ ବର୍ଷ ପୂରଣ କରିବା ଅବସରରେ ଏହି ସ୍ୱନକ୍ଷତ୍ର ସ୍ୱତନ୍ତ୍ରରେ ଆମେ ଏମିତି କେତୋଟି ଶୁଭେଚ୍ଛା ବାର୍ତ୍ତା ସ୍ଥାନିତ କରିଛୁ, ଯାହା ନିଶ୍ଚିତ ଭାବେ ସ୍ୱତନ୍ତ୍ର। ସେଗୁଡ଼ିକ କେବଳ ଶୁଭେଚ୍ଛା ବାର୍ତ୍ତା ନୁହେଁ, 'କାଦମ୍ବିନୀ' ପାଇଁ ଆଶୀର୍ବାଦ। ଏହି ଆଶୀର୍ବାଦ ଦେଇଥିବା ବ୍ୟକ୍ତିମାନେ 'କାଦମ୍ବିନୀ'କୁ ଦେଖନ୍ତି ଅତି ନିକଟରୁ, ବେଶ୍ ନିବିଡ଼ ଭାବରେ। ଏମାନଙ୍କ ଆଶୀର୍ବାଦ ନିଶ୍ଚିତ ଭାବେ 'କାଦମ୍ବିନୀ'କୁ ଆହୁରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ।

## ବାତାୟନ:

## ଇତି ସାମନ୍ତ

୨ ଜୁଲାଇ ୨୦୨୦! ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'କୁ କୋଡ଼ିଏ ବର୍ଷ ପୂରିଯିବା ପରେ, ମୁଁ ଲେଖୁଛି ଏକୋଇଶି ବର୍ଷ ପ୍ରଥମ ସଂଖ୍ୟାର ସମ୍ପାଦକୀୟ। ତେବେ କିଛି ଲେଖିବାପୂର୍ବରୁ ମନେପଡ଼ିଯାଉଛି ମୋର ପିଲାଦିନେ ପଢ଼ିଥିବା ରାଜକୁମାର ରାଜକୁମାରୀ ଗପ! ଆପଣମାନେ ମଧ୍ୟ ଜାଣିଥିବେ ସେ ଗପ। କାହାଣୀଟି ଏମିତି! ଗୋଟିଏ ଦେଶରେ ରାଜୁତି କରୁଥାନ୍ତି ରାଜା ଜଣେ। ତାଙ୍କର ଥାଏ ଗୋଟିଏ ବୋଲି ଝିଅ! ଅତି ସୁନ୍ଦରୀ! ଅତି ସୁକୁମାରୀ! ଅତି ଅଲିଅଳୀ! ରାଜାଙ୍କର ନୟନର ମଣି ଥାଏ ରାଜକୁମାରୀ। ଝିଅକୁ ବଢ଼ାଇବାପାଇଁ କିଛିରେ କମ୍ ରଖନ୍ତି ନାହିଁ ରାଜା। ଆଉ ରାଜକୁମାରୀ ଅତି ଅଲିଅଳରେ ରାଜପ୍ରାସାଦ ଭିତରେ ଖେଳିବୁଲି ବଢ଼ିବା ଭିତରେ ଚାହୁଁଚାହୁଁ ବିତିଯାଏ କେତେ ବର୍ଷ। ବଡ଼ ହୋଇଯାଏ ରାଜକୁମାରୀ। ଠିକ୍ ଯେମିତି ଦେଖୁ ଆମେ ଚଳଚ୍ଚିତ୍ରରେ। ଆଖି ପଲକରେ ବିତିଯାଇଥାଏ କୋଡ଼ିଏ ବର୍ଷ। ଆଜି ଏ ରାଜକୁମାରୀ କାହାଣୀ ବା ଚଳଚ୍ଚିତ୍ରର କାହାଣୀ କହିଲାବେଳେ ମୋର ଏ କୋଡ଼ିଏ ବର୍ଷର କାହାଣୀ କଥା ମନେପଡ଼ୁଛି। କାହିଁକିନା ଏହା ମଧ୍ୟରେ ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର ପ୍ରିୟ ପାରିବାରିକ ବନ୍ଧନ ପାଳଟିଥିବା 'କାଦମ୍ବିନୀ' ଅତିକ୍ରମ କରିସାରିଛି କୋଡ଼ିଏ ବର୍ଷ। ତେବେ ସେ ରାଜକୁମାର ରାଜକୁମାରୀ ଗପରେ ଯେମିତି ଚାହୁଁଚାହୁଁ ବିତିଗଲା ବର୍ଷ ପରେ ବର୍ଷ! ଆଉ ବଡ଼ ହୋଇଗଲା ରାଜକୁମାରୀ। ମୋ କ୍ଷେତ୍ରରେ, କି 'କାଦମ୍ବିନୀ' କ୍ଷେତ୍ରରେ କିନ୍ତୁ ସେମିତି ଆଦୌ ହୋଇନାହିଁ। ଚାହୁଁଚାହୁଁ ସରିନାହିଁ 'କାଦମ୍ବିନୀ' ଆଉ ମୋର ଏ କୋଡ଼ିଏ ବର୍ଷର ଯାତ୍ରା! ନିଜକୁ ନିଜେ ପଚାରିହେଉଛି ବାରମ୍ବାର। ନିରିଖେଇ ଦେଖିଲେ ବିଶ୍ୱାସ କରିପାରୁନି ମୁଁ ଏହା ଭିତରେ ଏତେ ବାଟ ଅତିକ୍ରମ କରି ଆସିଲିଣି ମୁଁ!!!

## ବିଶେଷ ପ୍ରସଙ୍ଗ: 'କାଦମ୍ବିନୀ' ସ୍ୱନକ୍ଷତ୍ର ଉତ୍ସବ-୨୦: ଏକ ବିହଙ୍ଗାବଲୋକନ

'କାଦମ୍ବିନୀ'କୁ ପୂରିଛି ୨୦ ବର୍ଷ। ଏହି ୨୦ ବର୍ଷ ଭିତରେ 'କାଦମ୍ବିନୀ' ସ୍ୱନକ୍ଷତ୍ର ଉତ୍ସବ ସମ୍ପର୍କରେ ଏକ ବିହଙ୍ଗାବଲୋକନ।

## ବିଶେଷ ପ୍ରସଙ୍ଗ: 'କାଦମ୍ବିନୀ' ପ୍ରଚ୍ଛଦ, ଆକର୍ଷଣର ଆଧାର

'କାଦମ୍ବିନୀ'ର ପ୍ରମୁଖ ଆକର୍ଷଣ ହେଉଛି ତା'ର ପ୍ରଚ୍ଛଦ ପୃଷ୍ଠା। ୨୦୦୦ ଜୁଲାଇରୁ ୨୦୨୦ ଜୁନ୍ - ଏହି ଦୀର୍ଘ କୋଡ଼ିଏ ବର୍ଷର ସଫଳ ଯାତ୍ରା ଭିତରେ 'କାଦମ୍ବିନୀ'ର ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନ ପାଇଆସିଛନ୍ତି ସାଧାରଣ ସ୍ତରରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ପର୍ଯ୍ୟନ୍ତ। ସେ ସମ୍ପର୍କରେ ଏକ ତଥ୍ୟଭିତ୍ତିକ ଆଲେଖ୍ୟ।

## ସ୍ୱତନ୍ତ୍ର ପ୍ରସଙ୍ଗ: ଓଡ଼ିଶାରେ କରୋନା ସଂକ୍ରମଣ ପରିଚାଳନା: ଏକ ଆକଳନ

### ଲେଖକ : ଡ. ସରିତ କୁମାର ରାଉତ

ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯିଏ ୨୪ ମାର୍ଚ୍ଚରେ କେନ୍ଦ୍ର ସରକାର ଜାତୀୟ ଲକ୍‌ଡାଉନ୍ ଘୋଷଣା କରିବା ପୂର୍ବରୁ ୨୧ ମାର୍ଚ୍ଚରେ ରାଜ୍ୟର ପାଞ୍ଚଟି ଜିଲ୍ଲାରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରିସାରିଥିଲା। କେବଳ ସେତିକି ନୁହେଁ, ସରକାରଙ୍କର ଏ ସମ୍ପର୍କିତ କଠୋର ମାର୍ଗଦର୍ଶିକା ବା ଗାଇଡ୍‌ଲାଇନ୍ କୋଭିଡ୍ ୧୯ ସଂକ୍ରମଣକୁ ରୋକିବାରେ ସଫଳ ହୋଇଥିଲା। ସଙ୍କଟକୁ ଆଧାରକରି ଜିଲ୍ଲାଗୁଡ଼ିକୁ ମଧ୍ୟ ତିନିଟି ଜୋନ୍‌ରେ ଯଥା: ରେଡ୍ (ହଟ୍‌ସ୍ପଟ୍), ଅରେଂଜ ଓ ଗ୍ରୀନ୍ ଜୋନ୍‌ଭାବେ ବର୍ଗୀକରଣ କରାଯାଇଥିଲା।

## ସ୍ୱତନ୍ତ୍ର ପ୍ରସଙ୍ଗ: ସାର୍ବଜନୀନ ସ୍ୱାସ୍ଥ୍ୟ ପରିସର, କେମିତି ଆମେ ପାଇପାରିବା

### ଲେଖକ : ଡ. ଭୂପୁତ୍ର ପଣ୍ଡା

ରାଜ୍ୟରେ ନୂତନ ମେଡ଼ିକାଲ କଲେଜଗୁଡ଼ିକର ସ୍ଥାପନା ଯେତିକି ମହତ୍ତ୍ୱପୂର୍ଣ୍ଣ, ସେତିକି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ ଯତ୍ନକାରୀ ପ୍ରଦାତାଙ୍କୁ ଉତ୍ସାହିତ କରି ରଖିବା। ଏଥିପାଇଁ ସବୁଠୁ ପ୍ରଭାବୀ ରଣନୀତି ମଧ୍ୟରୁ ଗୋଟିଏ ହେଉଛି - ଏଭଳି ଅନୁକୂଳ ମାନବ ସଂଶାଧନ ନୀତିର ବିକାଶ, ଯାହା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ନିଜର ସର୍ବଶ୍ରେଷ୍ଠ ଦାୟିତ୍ୱ ସମ୍ପାଦନ ନିମନ୍ତେ ପ୍ରେରିତ କରିପାରିବ। ଆଧୁନିକ ପରିଚାଳନା ନୀତି ବା ସିଦ୍ଧାନ୍ତ ଏଭଳି ନୀତିର ବିକାଶ ଓ କାର୍ଯ୍ୟାୟନରେ ସମୟ ପରୀକ୍ଷଣର ସମ୍ଭାବନା ପ୍ରଦାନ କରିଥାଏ, ଯାହାର ଚିହ୍ନଟ ସ୍ୱଚ୍ଛ, ସ୍ପଷ୍ଟ, ପାରଦର୍ଶୀ, ନିଷ୍ପକ୍ଷ ଓ ଉତ୍ତରାଦାୟୀ ନୀତି ଉପରେ ଭିତ୍ତି କରିଥାଏ।

## ସ୍ୱତନ୍ତ୍ର ପ୍ରସଙ୍ଗ: ଓଡ଼ିଶାର ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ତାଲାବନ୍ଦର ପ୍ରଭାବ

### ଲେଖିକା : ଦୀପାଞ୍ଜଳି ବେହେରା

ଭାରତରେ କରୋନା ମହାମାରୀର ପ୍ରଭାବକୁ କମାଇବା ପାଇଁ ଚଳିତ ବର୍ଷ ମାର୍ଚ୍ଚମାସର ଶେଷ ସପ୍ତାହରୁ ଜାତୀୟସ୍ତରର ତାଲାବନ୍ଦ ଆରମ୍ଭ ହୋଇଛି। ଅର୍ଥାତ ଲୋକଙ୍କର ଗତିଶୀଳତାରେ ଆସିଛି ପ୍ରତିବନ୍ଧକ। ସେମାନଙ୍କର ଆର୍ଥିକ ଅସୁବିଧା ତଥା ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ସ୍ୱାସ୍ଥ୍ୟ ସେବାଗୁଡ଼ିକର ଅଭାବ ଦୃଷ୍ଟିରୁ ଏହା ଆମ ଜନ ଜୀବନରେ ଗଭୀର ବ୍ୟାଘାତ ସୃଷ୍ଟି କରିଛି।

## ସ୍ୱତନ୍ତ୍ର ପ୍ରସଙ୍ଗ: ଭୂତାଣୁ ସଂକ୍ରମଣ ଓ ପତ୍ରିରୋଧ

### ଲେଖକ : ଡା. ପଞ୍ଚାନନ ସାହୁ

ଅଦ୍ୟାବଧି ପ୍ରାୟ କୋଡ଼ିଏଟି ମହାମାରୀ ବିଶ୍ୱକୁ ଆକ୍ରାନ୍ତକରି ବିଭିନ୍ନ ସମୟରେ ସାରା ପୃଥିବୀରେ ଆତଙ୍କ ଖେଳେଇ ସାରିଛନ୍ତି। ଆଣ୍ଟୋନିକ୍ ପ୍ଲେଗ, ବସନ୍ତ ଓ ମିଳିମିଳା ରୋମାନ ସାମ୍ରାଜ୍ୟରୁ ଆରମ୍ଭ ହୋଇ ମହାମାରୀ ରୂପେ ଲକ୍ଷଲକ୍ଷ ଲୋକଙ୍କୁ ମୃତ୍ୟୁମୁଖକୁ ଟାଣିନେଇଥିଲା। ସବୁଠାରୁ ଭୟଙ୍କର ମହାମାରୀ ସ୍ପାନିସ୍ ଫ୍ଲୁ ପ୍ରଥମ ବିଶ୍ୱଯୁଦ୍ଧ ପରେ ପୃଥିବୀର ପ୍ରାୟ ଏକ ଚତୁର୍ଥାଂଶ ଲୋକଙ୍କୁ ଆକ୍ରାନ୍ତ କରି ପାଞ୍ଚ କୋଟିରୁ ଅଧିକ ଲୋକଙ୍କର ଜୀବନ ନେଇଥିଲା।

## କାଳଜୟୀ:

ଏକ ବିରଳ ଗାଳ୍ପିକପଣର ଅଧିକାରୀ ଥିଲେ ବସନ୍ତ କୁମାର ଶତପଥୀ। ତାଙ୍କ ଗଳ୍ପଟିଏ ପଢ଼ିଲେ ପାଠକ ଘାରିହେବାରୁ ମୁକୁଳି ପାରେନି। ସରଳ ଗ୍ରାମ୍ୟ ମଣିଷ ତଥା ଅବହେଳିତ ନିକ୍ଷେପିତ ମଣିଷର ଦରଦଭରା କାହାଣୀର ଚିତ୍ର ତାଙ୍କ ଗଳ୍ପରେ ଦେଖିବାକୁ ମିଳିଥାଏ। ବ୍ୟଙ୍ଗର ପ୍ରତିକାତ୍ମକ ଉପସ୍ଥାପନା ବି ତାଙ୍କ ଗଳ୍ପଗୁଡ଼ିକୁ ନିଆରା କରି ଗଢ଼ିତୋଳିଥାଏ। ବ୍ୟକ୍ତିଗତ ଜୀବନରେ ସେ ଥିଲେ ଜଣେ ଦୁଃଖି ମଣିଷ। ଏଣୁ ସାଧାରଣ ମଣିଷଟିଏର ଦୁଃଖ ତାଙ୍କୁ ଜଳଜଳ କରି ଦେଖାଯାଇଥାଏ। ସ୍ୱଳ୍ପ ବ୍ୟବଧାନରେ ପତ୍ନୀ ଓ ପୁତ୍ରଙ୍କ ବିୟୋଗ ତାଙ୍କୁ ମ୍ରିୟମାଣ କରିଦେଇଥିଲା। ଦୁଃଖ, ହତାଶା, ଏକେଲାପଣରେ ଛନ୍ଦି ହୋଇ ସେ କଲମକୁ ସାଥୀ କରିଥିଲେ। ଗୋଟିଏ ପରେ ଗୋଟିଏ ତାଙ୍କ କଲମରୁ ବାହାରିଥିଲା ସଫଳ ସୃଷ୍ଟି। ଛାତ୍ରାବସ୍ଥାରୁ ତାଙ୍କ ସ୍ରଷ୍ଟାପଣର ପରିଚୟ ମିଳିଥିଲେ ମଧ୍ୟ, ତାଙ୍କ ଲେଖକୀୟ ଜୀବନର ଏହି ଦ୍ୱିତୀୟ ଭାଗ (ପତ୍ନୀ, ପୁତ୍ରଙ୍କ ବିୟୋଗପରେ) ତାଙ୍କୁ ବିଶେଷ ପରିଚିତି ଦେଇଥିଲା। - ସମ୍ପାଦିକା

## 'ଆଣ୍ଟିରୋମାଣ୍ଟିକ' ପରିବେଶରେ ରୋମାଣ୍ଟିକ ଚିହ୍ନ

### ଲେଖିକା: ନମିତା ପ୍ରଧାନ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ବସନ୍ତ କୁମାର ଶତପଥୀ (୧୯୧୩-୧୯୯୪) ଜଣେ ଯଶସ୍ୱୀ ସ୍ରଷ୍ଟାରୂପେ ସୁବିଦିତ। ବିଶେଷ କରି ତାଙ୍କର ଗଳ୍ପ ସାହିତ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ, ଶାଣିତ ଓ ନିବିଡ଼ତାର ଜୀବନବୋଧରେ ସିକ୍ତ ସନ୍ତୁଳିତ ଏବଂ ପ୍ରାଣବନ୍ତ। ତାଙ୍କର ସାର୍ଥକ ଗଳ୍ପ ସଙ୍କଳନଗୁଡ଼ିକ ମଧ୍ୟରେ 'ଗୋଟାଏ ଆଳୁ' (୧୯୮୨), 'ନୀଡ଼ାଶ୍ରୟୀ' (୧୯୮୩), 'ଆକାଶୀଫୁଲ' (୧୯୮୩), 'ଅଜାଗା ଘାଆ' (୧୯୮୩), 'ମେଜର ଅପରେଶନ' (୧୯୯୧), 'ପୁଅ ପାଇଁ ଝିଅ' (୨୦୦୦) ଇତ୍ୟାଦି ପ୍ରକାଶ ପାଇଛି। ମାତ୍ର ଏହି ସଂକଳନଗୁଡ଼ିକ ପୂର୍ବରୁ 'ଆଣ୍ଟିରୋମାଣ୍ଟିକ' ନାମକ ଏକ ଗଳ୍ପ ସଂକଳନ ୧୯୬୬ ମସିହାରେ ପ୍ରକାଶ ପାଇ ତାହା ୧୯୭୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀରୁ ଗାଳ୍ପିକଙ୍କୁ ପୁରସ୍କୃତ କରାଇପାରିଥିଲା।

### ଆଣ୍ଟିରୋମାଣ୍ଟିକ
### ଲେଖକ: ବସନ୍ତ କୁମାର ଶତପଥୀ

ରାଷ୍ଟ୍ର ପରିଚାଳନା ଏକ ଗୁରୁଦାୟିତ୍ୱ। ବିଷ୍ଣୁଶର୍ମାଙ୍କ ଗୋଦାବରୀ ନଦୀକୂଳର ବିଶାଳ ଶାଳ୍ମଳୀ ତରୁରେ ଯେଉଁ ପକ୍ଷୀ-ରାଜ୍ୟଟି ଗଢ଼ି ଉଠିଥିଲା ତହିଁର ରକ୍ଷଣଭାର ଥିଲା ଜରଦ୍‌ଗବ ନାମକ ଏକ ବୁଢ଼ା ଶାଗୁଣା ଉପରେ। ଏ ରାଷ୍ଟ୍ରର ଜରଦ୍‌ଗବଙ୍କ କିନ୍ତୁ ସନ୍ତାନରକ୍ଷଣ ଛଡ଼ା ହରରଙ୍ଗୀ ଦାୟିତ୍ୱ ରହିଛି। ନିଜ ଦେହକୁ ମାଛି ମଶା କବଳରୁ, ଥୁଣ୍ଟା ଡାଳରେ ଝୁଲୁଥିବା କଳାକଳା ହାଣ୍ଡିଡେକ୍‌ଚିଗୁଡ଼ାକୁ କୁଆ ଓ ମୂଷା ଦାଉରୁ, ଆସ୍ଥାନଟିକୁ ବୁଲା ଷଣ୍ଢ, ଘୁଷୁରି ଓ କୁକୁରଙ୍କ ଦୌରାତ୍ମ୍ୟରୁ ରକ୍ଷା କରିବା ତାଙ୍କର ମାମୁଲି କର୍ତ୍ତବ୍ୟ।

### ଗଳ୍ପ

ଏଥର ଗଳ୍ପ ବିଭାଗରେ ଅଛନ୍ତି: ରଜନୀକାନ୍ତ ମହାନ୍ତି, ଦେବାଶିଷ ପାଣିଗ୍ରାହୀ, ଗାୟତ୍ରୀ ସରାଫ୍, ଜୟନ୍ତୀ ରଥ, ବିଜୟ ନାୟକ, ଭୀମ ପୃଷ୍ଟି, ନିତ୍ୟାନନ୍ଦ ପଣ୍ଡା, ହିରଣ୍ମୟୀ ମିଶ୍ର ଓ ଇତି ସାମନ୍ତ।

### କବିତା

ଏଥର କବିତାରେ ଅଛନ୍ତି: ଗିରିବାଳା ମହାନ୍ତି, ଶତ୍ରୁଘ୍ନ ପାଣ୍ଡବ, ଅପର୍ଣ୍ଣା ମହାନ୍ତି, ରକ୍ଷକ ନାୟକ, ବୀଣାପାଣି ପଣ୍ଡା ଓ ସୁଚେତା ମିଶ୍ର।

### କାଦମ୍ବିନୀ ପରିକ୍ରମା: ମଇ ମାସ 'କାଦମ୍ବିନୀ' ସମୀକ୍ଷା

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପ୍ରତିଟି ସଂଖ୍ୟା ବହୁ ଦୃଷ୍ଟିରୁ ଭିନ୍ନ ଓ ସ୍ୱତନ୍ତ୍ର। ଏହି କ୍ରମରେ 'କାଦମ୍ବିନୀ'ର ଜୁନ୍ ସଂଖ୍ୟା ଥିଲା ରୋଷେଇ ସ୍ୱତନ୍ତ୍ର। ଏହି ସଂଖ୍ୟା ସମ୍ପର୍କରେ ନିରୁପମା ଆଚାର୍ଯ୍ୟଙ୍କ ଅଭିମତ।

### ଆମ ରୋଷେଇ

ଏଥରର ରୋଷେଇ ପୃଷ୍ଠାରେ ଅଛି ବିନ୍ଧ୍ୟବାସିନୀ ଜେନାଙ୍କ ମାଣ୍ଡିଆ।

### ସ୍ୱାସ୍ଥ୍ୟ ସୂଚନା: ଅପସ୍ମାର ବା ମୂର୍ଚ୍ଛାରୋଗ

ସାଧାରଣତଃ ଆମ ଶରୀରରେ ମସ୍ତିଷ୍କ ସାହାଯ୍ୟରେ ଆମର ସବୁ ଅଙ୍ଗପ୍ରତ୍ୟେଙ୍ଗ ନିୟନ୍ତ୍ରିତ ହୋଇଥାଏ। ମସ୍ତିଷ୍କର କୋଷିକାଗୁଡ଼ିକ ଏହି କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ। ସେହି କୋଷିକାଗୁଡ଼ିକ ଏକପ୍ରକାର ଇଲେକ୍ଟ୍ରି କରେଣ୍ଟ ଦ୍ୱାରା କାର୍ଯ୍ୟ କରିଥାନ୍ତି। ମାତ୍ର କୌଣସି କାରଣରୁ କୋଷିକାଗୁଡ଼ିକ ଠିକ୍‌ରେ କାମ ନ କଲେ ବ୍ୟକ୍ତିର ହାତ ଥରିଉଠେ ଏବଂ ବ୍ୟକ୍ତି ମୂର୍ଚ୍ଛା ହୋଇ ତଳେ ପଡ଼ିଯାନ୍ତି। ଏଭଳି ଲଗାତାର ହେଲେ ଏହାକୁ ମୂର୍ଚ୍ଛାରୋଗ ବୋଲି କୁହାଯାଏ।

### ଏବଂ ନିୟମିତ ବିଭାଗ:

**'ଇତି ଆପଣଙ୍କର', 'କାଦମ୍ବିନୀ ଖବର', 'ରାଶିଗଣନା' ଓ 'ତିଥି-ବାର-ବେଳା', 'ଆମ ରୋଷେଇ', 'ଘରକରଣା', 'ରୂପଚର୍ଯ୍ୟା'।**

■■■